**ବାବା ବକ୍ରେଶ୍ୱର ଶୈବପୀଠରୁ ଚୋରି**
ଖଇରା,(ଉତ୍କଳବନ୍ଧୁ ପଣ୍ଡା)-ବାଲେଶ୍ୱର ଜିଲାର ପୁରାତନ ଶୈବପୀଠ ବାବା ବକ୍ରେଶ୍ୱର ତଥା ପାର୍ଶ୍ୱ ମନ୍ଦିରରୁ ବୁଧବାର ରାତିରେ ଅଳଙ୍କାର ଓ ମୁକୁଟ ଚୋରି ହୋଇଥିବା ଖଇରା ଥାନାରେ ଅଭିଯୋଗ ହୋଇଛି। ଦୁର୍ବୃତ୍ତମାନେ ବକ୍ରେଶ୍ୱର, ଦୁର୍ଗା, ପାର୍ବତୀ ମନ୍ଦିରର କବାଟ ଭାଙ୍ଗି ସୁନା ଓ ରୁପା ନାଗ, ରୁପା ମୁକୁଟ ଚୋରି କରିନେଇଛନ୍ତି। ଯାହାର ମୂଲ୍ୟ ୪ଲକ୍ଷରୁ ଊର୍ଦ୍ଧ୍ୱ ହେବ। ଖଇରା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

**ସଂକ୍ଷେପରେ**

## ଜାନୁୟାରୀ ୯କୁ ଘୁଞ୍ଚିଲା ଶୁଣାଣି

### ଜିଆର୍‌ଏସ୍‌ଙ୍କୁ ବହିଷ୍କାର ଘଟଣା

ହାଟଡ଼ିହୀ,୨୧।୧୨(ଶୁଭକାନ୍ତ ନାୟକ): କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ବାଲିବରେଇ ପଞ୍ଚାୟତର ପୂର୍ବତନ ଜିଆରଏସ ପୂର୍ଣ୍ଣେନ୍ଦୁ କୁମାର ଥାଟୋଇଙ୍କୁ ଜିଲାପାଳ ଚାକିରିରୁ ବହିଷ୍କାର କରିଥିଲେ। ଆଦେଶ ବିରୋଧରେ ଜିଆରଏସ୍ ହାଇକୋର୍ଟରେ ଏକ ମାମଲା ଦାୟର କରିଥିଲେ। ଏଥିରେ କେନ୍ଦୁଝର ଜିଲାପାଳ, ଜିଲା ପରିଷଦ ସିଡିଓ ତଥା ଇଓ, ହାଟଡ଼ିହୀ ଏବଂ ତେଲକୋଇ ବିଡିଓଙ୍କୁ ପକ୍ଷଭୁକ୍ତ କରିଥିଲେ। ଗତ ଡିସେମ୍ବର ୬ ରେ ମାମଲାର ଶୁଣାଣି କରି ଦୁଇ ସପ୍ତାହ ପର୍ଯ୍ୟନ୍ତ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କିମ୍ବା ବହିଷ୍କାର କରାଯିବନି ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ମାମଲାର ପରବର୍ତ୍ତୀ ଶୁଣାଣି ଡିସେମ୍ବର ୧୯ ତାରିଖକୁ ଧାର୍ଯ୍ୟ ହୋଇଥିଲା। ତେବେ ଶୁଣାଣି ଆସନ୍ତା ୨୦୨୪ ଜାନୁୟାରୀ ୯କୁ ଘୁଞ୍ଚିଛି। ଏଥିସହ ମଧ୍ୟବର୍ତ୍ତୀ କାଳୀନ ଆଦେଶ ପରବର୍ତ୍ତୀ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ହାଇକୋର୍ଟ କହିଛନ୍ତି। ସୂଚନାଯୋଗ୍ୟ, ଜିଆରଏସ୍ ଥାଟୋଇ କିଛି ମାସ ପୂର୍ବରୁ ହାଟଡ଼ିହୀ ବ୍ଲକ୍‌ରୁ ତେଲକୋଇକୁ ବଦଳି ହୋଇଥିଲେ। ବିଭିନ୍ନ ସରକାରୀ ଯୋଜନାରେ ଅନିୟମିତତା ଏବଂ କାର୍ଯ୍ୟରେ ଅବହେଳା ନେଇ ବିଚାର କରି ଜିଲାପାଳ ତାଙ୍କୁ ଚାକିରିରୁ ବହିଷ୍କାର କରିଥିଲେ।

## ଧର୍ମପରାୟଣାଙ୍କ ପରଲୋକ

ରୂପସା, ୨୧।୧୧(ବାଞ୍ଛାନିଧି ଦେ)- ବାଲେଶ୍ୱର ଜିଲା ରୂପସା ଥାନା କସିପଦା ପଞ୍ଚାୟତ କାଦମୌଦା ଗ୍ରାମର ଧର୍ମପରାୟଣା ମହିଳା ମଞ୍ଜୁଲତା ପ୍ରଧାନ (୬୨)ଙ୍କର ହୃଦ୍‌ଘାତରେ ପରଲୋକ ହୋଇଛି। ସେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ପ୍ରଧାନଙ୍କ ସ୍ତ୍ରୀ ଏବଂ ବିଜେଡି ନେତା ସନ୍ତୋଷ କୁମାର ଖଟୁଆଙ୍କ ଭଉଣୀ ଅଟନ୍ତି। ହଠାତ ତାଙ୍କ ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତ୍ୟୁବେଳକୁ ତାଙ୍କର ସ୍ୱାମୀ, ଦୁଇ ପୁଅ ବିଶ୍ୱନାଥ, ବିଜୟ, ଝିଅ ଶିବାନୀ, ପୁଅ ବୋହୂ ଏବଂ ନାତୁଣୀ ନାତି ଉପସ୍ଥିତ ଥିଲେ। ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଜନପ୍ରତିନିଧି ତାଙ୍କ ବାସଭବନରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

# ହାତୀ-ମଣିଷ ସଂଘର୍ଷ, ବନାଗ୍ନି ସୁରକ୍ଷା ନେଇ ଆଲୋଚନା

**ଏଚ୍‌ଡବ୍ଲ୍ୟୁସିଏମ୍‌ସି ବୈଠକ**

କେନ୍ଦୁଝର,୨୧।୧୨
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଦରବାର ହଲଠାରେ ମଣିଷ ଓ ବନ୍ୟପ୍ରାଣୀ ମଧ୍ୟରେ ବଢୁଥିବା ସଂଘର୍ଷର ପ୍ରତିକାର ପାଇଁ ଜିଲାସ୍ତରୀୟ ହ୍ୟୁମାନ ୱାଇଲଡଲାଇଫ କନଫ୍ଲିକ୍ଟ ମିଟିଗେସନ କମିଟି (ଏଚ୍‌ଡବ୍ଲ୍ୟୁସିଏମସି) ବୈଠକ ଅନୁଷ୍ଠିତ ହୋଇଯାଇଛି। ଡିଏଫ୍‌ଓ ଧନରାଜ ଏଚ୍‌ଡିଙ୍କ ସଭାପତିତ୍ୱରେ ବୈଠକରେ ପୋଲିସ, ସ୍ୱାସ୍ଥ୍ୟ ବିଭାଗ, କୃଷି, ପଶୁ ସମ୍ପଦ, ବିଦ୍ୟୁତ୍, ପୂର୍ତ୍ତ, ରେଳବାଇ, ଜାତୀୟ ରାଜପଥ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି କିଭଳି ମଣିଷ ଓ ବନ୍ୟପ୍ରାଣୀଙ୍କ ମଧ୍ୟରେ ବଢୁଥିବା ତିକ୍ତତାକୁ କମାଇବା ସହ କ୍ଷୟକ୍ଷତି ରୋକାଯାଇପାରିବ, ଧନଜୀବନ କ୍ଷୟକ୍ଷତି ରୋକିବା ପାଇଁ କ'ଣ ପଦକ୍ଷେପ ନିଆଯାଇପାରିବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ଏବଂ ବିଭିନ୍ନ ବିଭାଗ ନେଉଥିବା ପଦକ୍ଷେପ ବିଷୟରେ ଅବଗତ କରିବା ସହ ଆଲୋଚନାରେ ଭାଗ ନେଇ ବିଭିନ୍ନ ପରାମର୍ଶ ଦେଇଥିଲେ। ସେହିପରି ବିଭିନ୍ନ କାରଣରୁ ହେଉଥିବା ହାତୀ ମୃତ୍ୟୁ ରୋକିବା, ଜିଲାରେ ହାତୀପଲ ଦିନରାତି ବିଭିନ୍ନ ଜନବସତି ମୁହାଁ ହୋଇ ବ୍ୟାପକ କ୍ଷୟକ୍ଷତି କରୁଛନ୍ତି। ଫଳରେ ଲୋକଙ୍କ ଆକ୍ରୋଶ ବଢୁଛି। ଏଣୁ ଏହାର କିପରି ସ୍ଥାୟୀ ପ୍ରତିକାର ହୋଇପାରିବ ସେ ନେଇ ଆଲୋଚନା ହୋଇଥିଲା। ବିଶେଷ କରି ବିଦ୍ୟୁତ ଓ ରେଳ ଦୁର୍ଘଟଣାରେ ହାତୀ ମୃତ୍ୟୁ ରୋକିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏଥିସହ କ୍ଷତିଗ୍ରସ୍ତ ଲୋକଙ୍କୁ କିଭଳି ତୁରନ୍ତ କ୍ଷତିପୂରଣ ମିଳିବ ସେ ବିଷୟରେ ମତ ପ୍ରକାଶ ପାଇଥିଲା। ପରେ ଆସନ୍ତାବର୍ଷ ପାଇଁ ଜଙ୍ଗଲକୁ ନିଆଁ ଦାଉରୁ ସୁରକ୍ଷା ପ୍ରଦାନ ନେଇ ପ୍ରସ୍ତୁତି ବୈଠକ ହୋଇଥିଲା। ବୈଠକରେ ଅନ୍ୟମାନଙ୍କ ସମେତ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲା ପରିଷଦ ବିଷ୍ଣୁପ୍ରସାଦ ଆଚାର୍ଯ୍ୟ, ଆନନ୍ଦପୁର ବନ୍ୟପ୍ରାଣୀ ଡିଏଫ୍‌ଓ ଅଭୟ କୁମାର ଦଳେଇ, ଅତିରିକ୍ତ ଏସ୍‌ପି, ସିଡିଏମଓ ଡା. କିଶୋର ପୃଷ୍ଟି, ଏସିଏଫ୍ ଅଶୋକ ଦାସ, ଜିତେନ୍ଦ୍ର ବେହେରାଙ୍କ ସମସ୍ତ ରେଞ୍ଜର ଅଧିକାରୀମାନେ ଉପସ୍ଥିତ ଥିଲେ। କେନ୍ଦୁଝର ଜିଲାରେ ବିଶେଷ କରି ଖରା ଦିନରେ ଜଙ୍ଗଲ ନିଆଁ ଯୋଗୁ ବ୍ୟାପକ ଜଙ୍ଗଲ ନଷ୍ଟ ହେବା ସହ ବନ୍ୟପ୍ରାଣୀ ଗାଁ ମୁହାଁ ହେଉଛନ୍ତି। ଏହାର ପ୍ରତିକାର ନେଇ ଯୋଜନା ପ୍ରସ୍ତୁତ ହୋଇଥିଲା।

## କୋବି ଚାଷ ନଷ୍ଟକଲେ ୨୩ ଟିକିଆ ହାତୀପଲ



ପାଟଣା,୨୧।୧୨(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ରେଞ୍ଜରେ କିଛି ମାସ ବ୍ୟବଧାନ ପରେ ପୁଣି ୨୩ ଟିକିଆ ହାତୀପଲ ଗୁରୁବାର ଉତ୍ପାତ କରିଛନ୍ତି। ସକାଳୁ କରଞ୍ଜିଆ ରେଞ୍ଜରୁ ଆସି ବ୍ୟାପକ ପନି ପରିବା ସହ ପାଚିଲା ଧାନ ଖାଇ ନଷ୍ଟ କରି ପୁଣି କରଞ୍ଜିଆ ରେଞ୍ଜକୁ ଫେରି ଯାଇଥିବା ଜଣାଯାଇଛି। ହାତୀ ପାଟଣା ରେଞ୍ଜ ଉଦୟପୁର ବିଟ୍ ମଙ୍ଗଳପୁର ଗ୍ରାମର ଗୋବର୍ଦ୍ଧନ ମହାନ୍ତଙ୍କ ବିଲାତି ଚାଷ, ଶ୍ରୀକାନ୍ତ ମହାନ୍ତଙ୍କ କୋବି ଚାଷ, ଗଣିଆ ବରେଇ ଗ୍ରାମର ରାମଚନ୍ଦ୍ର ନାଏକ, ବ୍ରହ୍ମା ନନ୍ଦ ନାଏକ, ଜୟଦେବ ନାଏକ ଓ ଧନେଶ୍ୱର ନାଏକଙ୍କ ଖଳାରେ ଗଛିତ ଧାନ କଳେଇ ବିଡ଼ା ଖାଇବା ସହ ନଷ୍ଟ କରିଛନ୍ତି। ହାତୀପଲ ୨ ଭାଗରେ ବିଭକ୍ତ ହୋଇ ଅଧା କରଞ୍ଜିଆ ରେଞ୍ଜକୁ ଚାଲିଯାଇଥିବା ବେଳେ ଅଧା ପାଟଣା ରେଞ୍ଜ ସୀମାନ୍ତବର୍ତ୍ତି ଅଞ୍ଚଳ ଗଣିଆ ବରେଇ ଗାଁ ନିକଟ ଦେଓ ନଦୀକୂଳରେ ଡେରା ପକାଇଛନ୍ତି। ହାତୀପଲଙ୍କ ଉପଦ୍ରବରେ ଅଞ୍ଚଳବାସୀ ଆତଙ୍କିତ ଅଛନ୍ତି। ହାତୀପଲ ଘଉଡ଼ାଇବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଧାମନଗରକୁ ସଂଯୋଗ ହେଉ ରେଳପଥ



ବିଧାୟକ ସୂର୍ଯ୍ୟବଂଶୀ ସୂରଜ ଦିଲ୍ଲୀରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଭେଟି ଦାବିପତ୍ର ପ୍ରଦାନ କରୁଛନ୍ତି।

**ରେଳମନ୍ତ୍ରୀଙ୍କୁ ଭେଟି ଦାବି ରଖିଲେ ବିଧାୟକ**

ଧାମନଗର,୨୧।୧୨(ଦେବେନ୍ଦ୍ର ଆଢ଼ିଆ/ସନ୍ତୋଷ କୁମାର ମହାପାତ୍ର)

ପ୍ରସ୍ତାବିତ ଯାଜପୁର-ଧାମରା ଟ୍ରେନ୍ ଲାଇନକୁ ଧାମନଗର ଦେଇ ସଂଯୋଗ କରିବାକୁ ବିଧାୟକ ସୂର୍ଯ୍ୟବଂଶୀ ସୂରଜ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଭେଟି ଦାବି ରଖିଛନ୍ତି। ବିଧାୟକ ଦିଲ୍ଲୀ ଗସ୍ତରେ ଥିବାବେଳେ ଗୁରୁବାର ରେଳମନ୍ତ୍ରୀଙ୍କୁ ଭେଟି ଭଦ୍ରକ ଜିଲାର କିଛି ସମସ୍ୟା ଅବଗତ କରିଥିଲେ। ଯାଜପୁର-ଧାମରା ଟ୍ରେନ୍ ଲାଇନ କିଭଳି ଧାମନଗରକୁ ସଂଯୋଗ ହୋଇପାରିବ ସେନେଇ ରେଳମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ପ୍ରସଙ୍ଗରେ ଦର୍ଶାଇଛନ୍ତି ଯେ, ଧାମନଗରରେ ରହିଛି ବିଭିନ୍ନ ଧର୍ମପୀଠ ଓ ଐତିହାସିକ ସ୍ଥାନ। ଦୁଇଟି ପର୍ଯ୍ୟଟନ ସ୍ଥଳୀ ଶହୀଦ ସ୍ମୃତିପୀଠ ଲୁଣିଆ, ଓଡ଼ିଶାର ଶେଷ ସ୍ୱାଧୀନ ରାଜା ମୁକୁନ୍ଦଦେବଙ୍କ ସ୍ମୃତିସ୍ଥଳ ଏବଂ କଳାପାହାଡ଼ ଯୁଦ୍ଧର ମୂକସାକ୍ଷୀ ଗୋହିରାଟିକିରି ଅବସ୍ଥିତ। ସେହିପରି ଧାମନଗରଠାରେ ପୀରବାବାଙ୍କ ପ୍ରସିଦ୍ଧ ଖାନକା ସରିଫ, ଭାରଦା କଟକ ଭଳି ଧାର୍ମିକ ସ୍ଥଳ ରହିଛି। ଧାମନଗର ଦେଇ ପ୍ରସିଦ୍ଧ ଶୈବପୀଠ ଆଖଣ୍ଡଳମଣିକୁ ଗମନାଗମନ ସୁବିଧା ରହିଛି। ଏଣୁ ଟ୍ରେନ୍ ଲାଇନକୁ ଧାମନଗର ଦେଇ ଧାମରା ସଂଯୋଗ କରାଗଲେ ପର୍ଯ୍ୟଟନ କ୍ଷେତ୍ର ସହ ଜନସାଧାରଣଙ୍କ ଉନ୍ନତି ସାଧିତ ହୋଇପାରିବ ବୋଲି ବିଧାୟକ ରେଳମନ୍ତ୍ରୀଙ୍କୁ ଅବଗତ କରାଇବା ସହ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରକାଶଥାଉ କି, ନିକଟରେ ବିଧାୟକଙ୍କ ଧାମନଗର ଗସ୍ତ ସମୟରେ ଧାମନଗର ବରିଷ୍ଠ ନାଗରିକ ପରିଷଦ, ବରିଷ୍ଠ ନାଗରିକ ମଞ୍ଚ, ଏକତା ମଞ୍ଚ ସମେତ ବିଭିନ୍ନ ସଙ୍ଗଠନ ପକ୍ଷରୁ ରେଳପଥ ସଂଯୋଗ ପାଇଁ ବିଧାୟକଙ୍କ ମାଧ୍ୟମରେ ଦାବିପତ୍ର ପ୍ରଦାନ କରାଯାଇଥିଲା।

# ରାଇବଣିଆରେ ଆଦିବାସୀ ଅଧିକାର ସମାବେଶ




ଘଡ଼ଘଡ଼ା ସ୍କୁଲ ସମ୍ମୁଖ ପଡ଼ିଆରେ ଆୟୋଜିତ ସମାବେଶ।

ରାଇବଣିଆ(ନବୀନ ସାହୁ)/
ଜଳେଶ୍ୱର(ରବିନାରାୟଣ ପାତ୍ର), ୨୧।୧୨

ଗୁରୁବାର ଜଳେଶ୍ୱର ବ୍ଲକ୍ ଶ୍ୟାମନଗର ପଞ୍ଚାୟତର ଘଡ଼ଘଡ଼ା ସ୍କୁଲ ସମ୍ମୁଖ ପଡ଼ିଆରେ ଗୁରୁବାର ଆଦିବାସୀ ଅଧିକାର ଏକ ବିଶାଳ ସମାବେଶ ଅନୁଷ୍ଠିତ ହୋଇଥିଲା। ଏଥିରେ ୨ ହଜାର ଆଦିବାସୀ ଯୋଗ ଦେଇଥିଲେ।

ଏହି ସମାବେଶକୁ ପରିଚାଳନା କରିଥିଲେ ଯୁବନେତା କାଳିଚରଣ ଦାସ, ରାସବିହାରୀ ରଣା, ଚନ୍ଦନ କର। ଜଳେଶ୍ୱର ବ୍ଲକର ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ବ୍ରଜ ମୋହନ ପ୍ରଧାନ ସମାବେଶରେ ଯୋଗଦେଇ ସେ ଆଦିବାସୀଙ୍କ ହକ୍ ପାଇଁ ଚିନ୍ତା ବ୍ୟକ୍ତ କରିଥିଲେ। ରାଇବଣିଆ ଅଞ୍ଚଳ ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ। ସ୍ୱାଧୀନତାର ୭୭ ବର୍ଷ ହୋଇ ଯାଇଥିଲେ ମଧ୍ୟ ରାଇବଣିଆରେ ସେମିତି ଆଖିଦୃଶିଆ ବିକାଶ ହୋଇନାହିଁ କହିଥିଲେ। ଏହି ସମାବେଶରେ ସର୍ଦ୍ଦାରବନ୍ଧ ପଞ୍ଚାୟତର ସମିତିସଭ୍ୟ ଗଣେଶ ସୋରେନ, ଶ୍ୟାମନଗର ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ଉଦୟ ନାଥ ମୁର୍ମୁ, ଆଦିବାସୀ ନେତା ଦୁଲା ମୁର୍ମୁ, ଦୁମାନ ହାଁସଦା, ଅନନ୍ତ ହେମ୍ବ୍ରମ୍, ମିର୍ଜା ହାଁସଦା, ଖେଲା ମୁର୍ମୁ, ଦୁର୍ଗା ପ୍ରସାଦ ମାର୍ଣ୍ଡି, ରାଣୀ ହାଁସଦା, କୁସଲ ହେମ୍ବ୍ରମ୍, ବିକ୍ରମ ଟୁଡୁ, ଲବ ହେମ୍ବ୍ରମ୍, ସୁନାରାମ ହାଁସଦା, ମୁଚିରାମ୍ ହାଁସଦାଙ୍କ ସହ ଅନେକ ଆଦିବାସୀ ନେତା ଉପସ୍ଥିତ ଥିଲେ। ଏହାସହିତ ୧ହଜାର ଆଦିବାସୀ ଯୋଗଦେଇ ଏହି ସମାବେଶକୁ ସଫଳ କରିଥିଲେ।

## ୧୨ରେ ଭୀମଭୋଇ ସାମର୍ଥ୍ୟ ଶିବିର

ଖୁଣ୍ଟା,୨୧।୧୨(ଦେବରଞ୍ଜନ ବେହେରା)

ଗୋପବନ୍ଧୁ ନଗର ବ୍ଲକ ପକ୍ଷରୁ ଆସନ୍ତା ଜାନୁଆରୀ ୧୨ରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହେବ। ଏନେଇ ଏକ ପ୍ରସ୍ତୁତି ବୈଠକ ବ୍ଲକ କାର୍ଯ୍ୟାଳୟର ସଦ୍‌ଭାବନା ଗୃହରେ ଅନୁଷ୍ଠିତ ହୋଇଯାଇଛି। ବିଡିଓ କରୁଣାକର ଧିନ୍ଦାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉପାଧ୍ୟକ୍ଷା ରଶ୍ମିତା ଚୌଧୁରୀ, ସହକାରୀ ଯନ୍ତ୍ରୀ ବିନୟଜ୍ୟୋତି ଲେଙ୍କା, ବିଏସ୍‌ଏସ୍‌ଓ ଦେବାଶିଷ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଶିବିରର ସଫଳତା ପାଇଁ ପଞ୍ଚାୟତ ଲୋକପ୍ରତିନିଧିମାନଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଥିଲା। ବୈଠକରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟାସଭ୍ୟ, ପ୍ରୋଗ୍ରାମ ଆସିଷ୍ଟାଣ୍ଟ ସତ୍ୟବ୍ରତ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## ସରିଲା କୁରାଳ ପଞ୍ଚମୀ ଉତ୍ସବ

ଚାନ୍ଦବାଲି, ୨୧।୧୨(କିଷାନ ପାତ୍ର)



ଭଦ୍ରକ ଜିଲା ଚାନ୍ଦବାଲି ନୟାପଟଣା ଶ୍ରୀ ଶ୍ରୀ ଲକ୍ଷ୍ମୀନାରାୟଣ କୁରାଳ ସଂଘ ଆନୁକୂଲ୍ୟରେ ରବିବାରଠାରୁ ଚାଲିଥିବା କୁରାଳ ପଞ୍ଚମୀ ଉତ୍ସବ ଗୁରୁବାର ଶେଷ ହୋଇଛି। ପ୍ରତ୍ୟେକ ଦିନ ଲକ୍ଷ୍ମୀନାରାୟଣଙ୍କ ପୂଜାପାଠ, ନୀତିକାନ୍ତି, ଗୀତା ଭାଗବତ ପାଠ, ନାମ ସଂକୀର୍ତ୍ତନ ସହ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା। କୁମ୍ଭକାରଙ୍କ ଆରାଧ୍ୟ ଦେବତା ଲକ୍ଷ୍ମୀନାରାୟଣଙ୍କ ପୂଜାର୍ଚ୍ଚନା କୁରାଳ ପଞ୍ଚମୀଠାରୁ ଆରମ୍ଭ ହୋଇ ପାଞ୍ଚଦିନ ପର୍ଯ୍ୟନ୍ତ ଚାଲେ। ଏହି ସମୟରେ ସେମାନେ ହାଣ୍ଡି, ମାଠିଆ ତିଆରି କରୁଥିବା କୁମ୍ଭାର ଚକକୁ ମଧ୍ୟ ପୂଜା କରନ୍ତି। ସଂଘର ସଭାପତି ରବୀନ୍ଦ୍ର ମୁଦୁଲି, ସମ୍ପାଦକ ଧାନଚାନ୍ଦ ବେହେରା, କୋଷାଧ୍ୟକ୍ଷ ସୁମା ମୁଦୁଲି, ସଭ୍ୟ ସର୍ବଶ୍ରୀ ପ୍ରଶାନ୍ତ ବେହେରା, ରମେଶ ଚନ୍ଦ୍ର ବେହେରା, ପ୍ରସନ୍ନ ବେହେରା, ସୁଶାନ୍ତ ବେହେରା, ଅମୂଲ୍ୟ ବେହେରା, ସନାତନ ବେହେରା ପ୍ରମୁଖ ପରିଚାଳନା କରିଥିଲେ।

# ପ୍ରତିଶ୍ରୁତି ପରେ ଅନଶନରୁ ଉଠିଲେ ସରପଞ୍ଚ, ସମିତିସଭ୍ୟ

ବାଲିଆପାଳ, ୨୧।୧୨(ଗୋପାଳ ଚନ୍ଦ୍ର ସାହୁ)- ବାଲେଶ୍ୱର ଜିଲା ଅତିରିକ୍ତ ଜିଲାପାଳ ସୁଧାକର ନାୟକ ଗୁରୁବାର ସନ୍ଧ୍ୟାରେ ବାଲିଆପାଳ ବ୍ଲକ ପରିସରରେ ପହଞ୍ଚି ୧୫ଦିନ ଭିତରେ ବାଲିଆପାଳ ବିଡିଓ ବିନୋଦ ଚନ୍ଦ୍ର ପଣ୍ଡାଙ୍କ ବଦଳି ନେଇ ପ୍ରତିଶ୍ରୁତି ଦେବା ପରେ ସରପଞ୍ଚ ଓ ସମିତିସଭ୍ୟଙ୍କ ଆମରଣ ଅନଶନ ପ୍ରତ୍ୟାହୃତ ହୋଇଛି। ଏନେଇ ସରପଞ୍ଚ ସଂଘ ସଭାପତି ଦେବ କୁମାର ଦେ ଓ ସମିତିସଭ୍ୟ ସଂଘ ସଭାପତି ସୁଶାନ୍ତ ସେଠୀ କହିଛନ୍ତି। ବାଲିଆପାଳ ବ୍ଲକର ଉଭୟ ବିଜେଡ଼ି ଓ କଂଗ୍ରେସ ସମର୍ଥିତ ନିର୍ବାଚିତ ସରପଞ୍ଚ ଓ ସମିତିସଭ୍ୟଙ୍କ ସହିତ ବାଲିଆପାଳ ପଞ୍ଚାୟତ ସମିତି ଅଧ୍ୟକ୍ଷା ରଞ୍ଜିତା ନାୟକ ବାଲିଆପାଳ ବିଡିଓ ବିନୋଦ ଚନ୍ଦ୍ର ପଣ୍ଡାଙ୍କ ବଦଳି ଦାବିରେ ବୁଧବାର ବ୍ଲକ ସମ୍ମୁଖରେ ଆମରଣ ଅନଶନରେ ବସିଥିଲେ। ବ୍ଲକର ୨୮ ପଞ୍ଚାୟତରୁ ୨୨ ପଞ୍ଚାୟତର ସରପଞ୍ଚ ଓ ୨୪ ସମିତିସଭ୍ୟମାନେ ସାମିଲ ହୋଇଥିଲେ। ବାଲେଶ୍ୱର ଜିଲା ପରିଷଦ ପ୍ରକଳ୍ପ ଅଧିକାରୀ ବିଶ୍ୱରଞ୍ଜନ ନାୟକ, ବାଲିଆପାଳ ତହସିଲଦାର ଜନକ କୁମାର ନାୟକ ଉପସ୍ଥିତ ହୋଇ ଅନଶନକାରୀଙ୍କୁ ବୁଝାସୁଝା କରିଥିଲେ ମଧ୍ୟ ସମସ୍ତ ସରପଞ୍ଚ ଏବଂ ସମିତିସଭ୍ୟ ବିଡ଼ିଓ ପଣ୍ଡାଙ୍କ ବଦଳି ପାଇଁ ଅଡ଼ି ବସିଥିଲେ। ରାତିରେ କେତେକ ସରପଞ୍ଚ ଓ ସମିତିସଭ୍ୟଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ହସ୍ପିଟାଲ ପଠାଯାଇଥିଲା। ଦ୍ୱିତୀୟ ଦିନରେ ବହୁ ୱାର୍ଡ଼ମେମ୍ବର ଅନଶନରେ ସାମିଲ ହୋଇଥିଲେ। ସନ୍ଧ୍ୟାରେ ଅତିରିକ୍ତ ଜିଲାପାଳ ନାୟକ ପହଞ୍ଚି ୧୫ଦିନ ଭିତରେ ବିଡ଼ିଓଙ୍କ ବଦଳି କରାଯିବାର ଲିଖିତ ପ୍ରତିଶ୍ରୁତି ଦେବା ପରେ ଅନଶନ ପ୍ରତ୍ୟାହୃତ ହୋଇଥିଲା।

# 'ଭଲ ମଣିଷ ହେବାକୁ ଉତ୍ତମ ଶିକ୍ଷା ଜରୁରୀ'




ଆଦର୍ଶ ବିଦ୍ୟାଳୟର ବାର୍ଷିକୋତ୍ସବରେ ଉପସ୍ଥିତ ଅତିଥିମାନେ।

**ଗ୍ଲିଷ୍ଟେନ-୨୦୨୩ ଉଦ୍‌ଯାପିତ**

ମୋରଡ଼ା,୨୧।୧୨(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ାସ୍ଥିତ ଆଦର୍ଶ ବିଦ୍ୟାଳୟର ୭ତମ ବାର୍ଷିକୋତ୍ସବ 'ଗ୍ଲିଷ୍ଟେନ-୨୦୨୩' ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ମନୋରଞ୍ଜନ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୋରଡ଼ା ତହସିଲଦାର ଉତ୍ତମ ଜେନା ମୁଖ୍ୟ ଅତିଥି,ଚିତ୍ରଡ଼ା ମହାବିଦ୍ୟାଳୟର ଅଧ୍ୟାପିକା ଅର୍ଚ୍ଚନା ପ୍ରଧାନ ମୁଖ୍ୟ ବକ୍ତା, ବାବା ଜଟେଶ୍ୱର ମହାବିଦ୍ୟାଳୟର ଅଧ୍ୟାପିକା ସଂଗୀତା ଦାସ, ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଧାଂଶୁ ସେଠୀ, କମଳ କୁମାର ମହାନ୍ତ, ଭିଏମ୍‌ଡିସି ସଦସ୍ୟ ଅଜୟ କୁମାର ପାଳ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଛାତ୍ର ଜୀବନର ଗୁରୁତ୍ୱ ବୁଝି ଶିକ୍ଷାକୁ ଜୀବନର ବ୍ରତ ଭାବେ ପାଳନ କରିବା ଓ ଭଲ ମଣିଷ ହେବାକୁ ହେଲେ ଉତ୍ତମ ଶିକ୍ଷା ଲାଭ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ପରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷୟିତ୍ରୀ ହରପ୍ରିୟା ଧଳ, ଜ୍ୟୋତି ମଣ୍ଡଳ, ଶୁଚିସ୍ମିତା ରାଜ, ଶିକ୍ଷକ ସ୍ମୃତିରଞ୍ଜନ ସେଠୀ, ସୁଧାଂଶୁ ଶେଖର ମହାନ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

DSPL-478
ଓଡ଼ିଶା ସ୍ଥାବର ସମ୍ପତ୍ତି ନିୟାମକ ପ୍ରାଧିକରଣ
ODISHA REAL ESTATE REGULATORY AUTHORITY
ORERA
Odisha Real Estate Regulatory Authority
Block-A1, 3rd Floor, Toshali Bhawan, Satya Nagar, Bhubaneswar-751007

Facilitation Center (ସହଯୋଗ କେନ୍ଦ୍ର)
ରେରା ସମ୍ବନ୍ଧିତ ବିଭିନ୍ନ ସୂଚନା ପ୍ରଦାନ ତଥା ଉପଭୋକ୍ତା ଓ ସାଧାରଣ ଲୋକଙ୍କ ସହାୟତା ନିମନ୍ତେ ଓରେରା ଅଫିସ ପରିସରରେ ସହଯୋଗ କେନ୍ଦ୍ର ଖୋଲାଯାଇଛି, ଯାହାର ସୁଯୋଗ ଯେ କେହି ମଧ୍ୟ ନେଇପାରିବେ।

CDR ସେଲ୍
Conciliation & Dispute Resoluton ସେଲ୍ (ସି.ଡି.ଆର.) ଅଭିଯୋଗକାରୀ ମାନଙ୍କର ଅଭିଯୋଗର ଆପୋସ ଆଲୋଚନା ମାଧ୍ୟମରେ ତ୍ୱରିତ ସମାଧାନ ପାଇଁ ଗଠନ କରାଯାଇଛି।

QPR
Quarterly Progress Report (QPR)
ପ୍ରତ୍ୟେକ ଗୃହ ନିର୍ମାଣକାରୀ ସଂସ୍ଥା ପ୍ରତି ୩ ମାସ ବ୍ୟବଧାନରେ ସେମାନଙ୍କର ପ୍ରକଳ୍ପର କ୍ରମୋନ୍ନତି ଏବଂ ଆର୍ଥିକ ପ୍ରଗତିର ବିବରଣୀ ଓରେରା ୱେବସାଇଟ୍ www.rera.odisha.gov.inରେ ଦେବାକୁ ବାଧ୍ୟ। ଏହା ଫଳରେ ଗୃହକ୍ରେତାମାନେ ସେମାନଙ୍କର ପ୍ରକଳ୍ପର ଅଗ୍ରଗତି ସମ୍ବନ୍ଧିତ ଧାରଣା ପାଇପାରିବେ।

ORERA Regn. No. ଏବଂ website
ପ୍ରତ୍ୟେକ ଗୃହ ନିର୍ମାଣକାରୀ ସଂସ୍ଥା ନିଜ ବିଜ୍ଞାପନରେ ଓରେରା ରେଜିଷ୍ଟ୍ରେସନ୍ ନମ୍ବର ଏବଂ ୱେବସାଇଟ୍ (www.rera.odisha.gov.in) ଦେବାକୁ ବାଧ୍ୟ। ଏହାର ଅନୁପାଳନରେ ଖିଲାପ କଲେ ଜରିମାନା ଧାର୍ଯ୍ୟ ହେବ।

ନିଜ ସ୍ୱପ୍ନର ଘର କିମ୍ବା ଜାଗା ସମ୍ପର୍କରେ ଅଧିକ ଜାଣିବା ପାଇଁ www.rera.odisha.gov.inରେ ଲଗଇନ୍ କରନ୍ତୁ ବା ଓରେରା ଅଫିସ୍ ସହିତ ଯୋଗାଯୋଗ କରନ୍ତୁ।
"ଆପଣଙ୍କର ଅଧିକାର, ଆମ ଦାୟିତ୍ୱ"
OIPR-13223/13/0010/2324

**ଘର ସହ ଜଳିଗଲା ବାଇକ୍**

ଧାମନଗର,(ଦେବେନ୍ଦ୍ର ଆଦ୍ଦିଆ): ଭଦ୍ରକ ଜିଲା ଧାମନଗର ବ୍ଲକର ମୁସ୍ତାଫାପୁର ପଞ୍ଚାୟତ ଦୋବଲ ସାହିରେ ଗୁରୁବାର ଅଗ୍ନିକାଣ୍ଡ ଘଟି ୨ ବଖରା ଘର ଜଳିଯାଇଛି। ସକାଳ ପ୍ରାୟ ୯ଟା ବେଳେ ଗ୍ରାମର ଆୟର କାଦରୀଙ୍କ ଘରେ ନିଆଁ ଲାଗି ତାଙ୍କ ଘର ସହ ଗୋଟିଏ ବାଇକ୍ ଜଳିଯାଇଥିବା ବେଳେ ଗୃହ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ଖବରପାଇ ଧାମନଗର ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବିଦ୍ୟୁତ୍ ଶର୍ଟ ସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା କୁହାଯାଇଛି।

# ଲୋକାର୍ପଣ ହେଲା ହଳଦିଆବନ୍ଧ



କୁଳିଅଣା ବ୍ଲକ ହଳଦିଆଠାରେ ଆୟୋଜିତ ଲୋକାର୍ପଣ ଉତ୍ସବରେ ମନ୍ତ୍ରୀ ଟୁକୁନୀ ସାହୁ, ସୁଦାମ ମାର୍ଣ୍ଡି ଓ ଅନ୍ୟମାନେ।



ହଳଦିଆ ବନ୍ଧ।

ବାରିପଦା,୨୧।୧୨ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲ୍ଲା କୁଳିଅଣା ବ୍ଲକ ଅଞ୍ଚଳର ହଳଦିଆବନ୍ଧକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଲୋକାର୍ପଣ କରିଛନ୍ତି। ଏହା ସହିତ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ଦ୍ୱିତୀୟ ପର୍ଯ୍ୟାୟ ନିର୍ମାଣ କାର୍ଯ୍ୟ ଓ ଖଇରୀଭଣ୍ଡନ ବ୍ୟାରେଜର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଜଳ ସମ୍ପଦ ବିଭାଗ ଦ୍ୱାରା ଭିଡିଓ କନଫରେନ୍ସ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଏହି ପ୍ରକଳ୍ପଗୁଡ଼ିକର ଲୋକାର୍ପଣ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ।

ଜିଲାରେ କୃଷି ଓ କୃଷକଙ୍କ ବିକାଶ ନିମନ୍ତେ ରାଜ୍ୟ ସରକାର ବ୍ୟାପକ ପଦକ୍ଷେପ ଗ୍ରହଣ କରିଛନ୍ତି। ରବି ଓ ଖରିଫ ଚାଷ ପାଇଁ ପାଣିର ଅଭାବ ରହିବ ନାହିଁ। ୩୨୨ କୋଟି ଟଙ୍କା ବ୍ୟୟ ଅଟକଳରେ ହଳଦିଆ ବନ୍ଧର ପୁନରୁଦ୍ଧାର କରାଯାଇଛି। ୧୯୧୦ରେ ତତ୍କାଳୀନ ମହାରାଜାଙ୍କ ଦ୍ୱାରା ଏହି ବନ୍ଧ ନିର୍ମାଣ କରାଯାଇଥିଲା। ପୂର୍ବରୁ ଏହାର ଜଳ ଧାରଣ କ୍ଷମତା ୧୧.୧୫ଘନ ମିଟର ଥିବା ବେଳେ ଖରିଫ ଚାଷ ପାଇଁ ୨ହଜାର ୨୪୩ ହେକ୍ଟର ଓ ରବି ଚାଷ ପାଇଁ ୪୦୮ ହେକ୍ଟର ଜମି ଜଳସେଚିତ ହେଉଥିଲା। ତାହା ଏବେ ବୃଦ୍ଧି ପାଇ ଜଳଧାରଣ କ୍ଷମତା ୪୬.୮୪ଘନ ମିଟର କରାଯାଇଛି। ଏହା ଦ୍ୱାରା ଉଭୟ ରବି ଓ ଖରିଫ ଚାଷରେ ମୋଟ ୫ହଜାର ୫୫୨୦ହେକ୍ଟର ଜମିକୁ ଜଳସେଚନ କରାଯାଇ ପାରିବ। ଏହାଦ୍ୱାରା କୁଳିଅଣା ଓ ବାରିପଦା ବ୍ଲକର ୫୫ ହଜାର ୬ଶହ ଚାଷୀ ଉପକୃତ ହୋଇପାରିବେ ବୋଲି ମୁଖ୍ୟମନ୍ତ୍ରୀ ତାଙ୍କ ଉଦ୍‌ବୋଧନରେ କହିଥିଲେ। ଏହା ସହିତ ୨୦୦୦ କୋଟି ବ୍ୟୟରେ ମୟୂରଭଞ୍ଜ ଓ ବାଲେଶ୍ୱର ଜିଲାକୁ ସଂଯୋଗ କରୁଥିବା ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟ ନିର୍ମାଣ କାର୍ଯ୍ୟ ଓ ୩୩୭.୫୦କୋଟି ଟଙ୍କା ବ୍ୟୟ ଅଟକଳରେ ଖଇରୀ ଭଣ୍ଡନ ନଦୀରେ ଏକ ବ୍ୟାରେଜ ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି ଦୁଇ ପ୍ରକଳ୍ପ କାର୍ଯ୍ୟ ଶେଷ ହେଲେ ମୟୂରଭଞ୍ଜ ଜିଲାର ୯୪ହଜାର ୬୫୫ ଓ ବାଲେଶ୍ୱର ଜିଲାର ୧୪ହଜାର ୯୭୨ ହେକ୍ଟର ଜମି ଜଳସେଚିତ ହୋଇପାରିବ। ଏହା ଦ୍ୱାରା ଉଭୟ ଜିଲାର ଚାଷୀମାନେ ବେଶ୍ ଉପକୃତ ହୋଇପାରିବେ। ଉଲ୍ଲେଖଯୋଗ୍ୟ, ୬୯ହଜାର ୯୩୩ହେକ୍ଟର ଜମିକୁ ଜଳସେଚନ କରିବା ପାଇଁ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ଶେଷ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ପରିବହନ ଓ ଜଳସମ୍ପଦ ବିଭାଗ ମନ୍ତ୍ରୀ ଟୁକୁନୀ ସାହୁ, ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି, ଜିଲାପାଳ ବିନୀତ ଭରଦ୍ୱାଜ, ଚାଷୀ ସତ୍ୟଭାମା ନାଥ ଓ ଆନନ୍ଦ ଟୁଡୁ ପ୍ରମୁଖ ଉପସ୍ଥିତ ଥିଲେ।

# ୬୦ ହଜାର ହେକ୍ଟର ଚାଷଜମି ହେବ ଜଳସେଚିତ

## ବୈତରଣୀ ବ୍ୟାରେଜ ଡିଭିଜନର ବାମପାର୍ଶ୍ୱ କେନାଲ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ

ଘସିପୁରା,୨୧।୧୨(ନିରଞ୍ଜନ ସାହୁ)



ଲୋକାର୍ପିତ ହୋଇଥିବା ବୈତରଣୀ ବାମପାର୍ଶ୍ୱ କେନାଲ।

ବହୁ ପ୍ରତୀକ୍ଷିତ କେନ୍ଦୁଝର ଜିଲା ଆନନ୍ଦପୁର ବୈତରଣୀ ବ୍ୟାରେଜ ପ୍ରକଳ୍ପର ବାମପାର୍ଶ୍ୱ କେନାଲ ଗୁରୁବାର ଲୋକାର୍ପିତ ହୋଇଯାଇଛି। ଭର୍ଚୁଆଲ ମୋଡ୍‌ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନାଲର ଲୋକର୍ପଣ କରିଥିଲେ। ଜିଲାପାଳ ଆଶିଷ ଠାକ୍‌ରେଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମରେ ଘସିପୁରା ବିଧାୟକ ବଦ୍ରି ନାରାୟଣ ପାତ୍ର, ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀ ଉପସ୍ଥିତ ରହି ବାମପାର୍ଶ୍ୱ କେନାଲ ଦ୍ୱାରା ଚାଷୀମାନଙ୍କର ଉପକାରିତା ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ସୂଚନା ଦେଇଥିଲେ।

୨୦୦୮ରେ ମୁଖ୍ୟମନ୍ତ୍ରୀ ଆନନ୍ଦପୁର ବ୍ୟାରେଜର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ୨୦୨୦ ଜାନୁୟାରୀ ୩୧ରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ବ୍ୟାରେଜ ଲୋକାର୍ପିତ ହୋଇଥିଲା। ୨୦୨୩ ନଭେମ୍ବର ୪ ଓ ୫ ରେ ପ୍ରଥମେ ପରୀକ୍ଷାମୂଳକ ଭାବେ ବାମପାର୍ଶ୍ୱ କେନାଲରେ ପାଣି ଛାଡ଼ିବାର ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ନଦୀ ସଂଯୋଗୀକରଣ ଲକ୍ଷ୍ୟ ନେଇ ନିର୍ମାଣ ହୋଇଥିବା ଆନନ୍ଦପୁର ବ୍ୟାରେଜର ଏହି ବାମପାର୍ଶ୍ୱ କେନାଲର ଲୋକାର୍ପଣ ପର୍ବ ଅବସରରେ ଆନନ୍ଦପୁର ବ୍ୟାରେଜ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କେନାଲକୁ କାର୍ଯ୍ୟକ୍ଷମ କରାଯାଇଥିଲା। ବୈତରଣୀ ନଦୀର ଜଳକୁ ଆନନ୍ଦପୁର ବ୍ୟାରେଜ ମାଧ୍ୟମରେ ସଂରକ୍ଷଣ କରାଯାଇ କେନାଲ ମାଧ୍ୟମରେ ସାଲନ୍ଦୀ ନଦୀ ସହିତ ବିଦ୍ୟାଧରପୁର ବ୍ୟାରେଜ ନିକଟରେ ସଂଯୋଗୀକରଣ କରାଯିବାର ବ୍ୟବସ୍ଥା ଗ୍ରହଣ କରାଯାଇଛି। କେନାଲ ସୁଦୀର୍ଘ ୨୮ କି.ମି. ଲମ୍ବର ହୋଇଥିବାବେଳେ ବ୍ୟାରେଜ ପ୍ରକଳ୍ପରେ ଜଳ ସଂରକ୍ଷଣ କରାଯାଇ ବୈତରଣୀ ବାମପାର୍ଶ୍ୱ, ଡାହାଣପାର୍ଶ୍ୱ, ସାଲନ୍ଦୀ ବାମପାର୍ଶ୍ୱ କେନାଲ ଯୋଗେ କେନ୍ଦୁଝର ଓ ବାଲେଶ୍ୱର ଜିଲାର ୬୦ ହଜାର ହେକ୍ଟର ଚାଷଜମି ଜଳସେଚନ ହେବାର ବ୍ୟବସ୍ଥା ଗ୍ରହଣ କରାଯାଇଛି। ପଦ୍ମପୁରର ଚାଷୀ ରଙ୍ଗାଧର ବେହେରା, ବାଉଁଶଗଡ଼ର ଚାଷୀ ସରସ୍ୱତୀ ସେଠୀ କେନାଲ କାର୍ଯ୍ୟକ୍ଷମ ହେବା ଦ୍ୱାରା ସେମାନଙ୍କ ଉପକାରିତା ସମ୍ପର୍କରେ ସୂଚନା ଦେଇଥିଲେ। ଡାହାଣପାର୍ଶ୍ୱ କେନାଲ ଅଦ୍ୟାବଧି ଅଧାପନ୍ତରିଆ ହୋଇ ପଡ଼ିରହିଛି।

# ମନମୋହିଲା ଗୋଣ୍ଡୱାନା ଖଣ୍ଡାନୃତ୍ୟ

କେନ୍ଦୁଝର,୨୧।୧୨(ଦୀପକ ମିଶ୍ର): କେନ୍ଦୁଝର କାଳୀପଡ଼ିଆଠାରେ ଚାଲିଥିବା ଗୋନାସିକା-କେନ୍ଦୁଝର ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଅନେକ ହଜାର ଦର୍ଶକ ବିଳମ୍ବିତ ରାତି ପର୍ଯ୍ୟନ୍ତ ଉପଭୋଗ କରିଛନ୍ତି। ମହମ୍ମଦ ଡାନିସ, ସନମୁଖ ପ୍ରିୟାଙ୍କ ସଙ୍ଗୀତରେ ଶୀତ ଫିକା ପଡ଼ି ଯାଇଥିବା ବେଳେ ପଞ୍ଜାବର ଭାଙ୍ଗଡ଼ା ନୃତ୍ୟ ବେଶ ଆକର୍ଷଣୀୟ ହୋଇଥିଲା। କେନ୍ଦୁଝରର ଜନଜାତି ଗୋଣ୍ଡମାନଙ୍କର ଗୋଣ୍ଡୱାନା ଖଣ୍ଡାନୃତ୍ୟ ଉପସ୍ଥିତ ଦର୍ଶକଙ୍କ ମନୋମୁଗ୍ଧ କରିଥିଲା। ଚତୁର୍ଥ ସନ୍ଧ୍ୟାରେ ଶ୍ରୀକ୍ଷେତ୍ର ଭଜନ ଓ ଡ୍ୟାନ୍ସ, ଶ୍ରୀକୃଷ୍ଣ କୁରୁକ୍ଷେତ୍ର ଫାଉଣ୍ଡେସନ, ଷ୍ଟାର କ୍ଲବ, ଏକ୍ସଟ୍ରିମ ଡ୍ୟାନ୍ସ ସ୍କୁଲ, ଅନନ୍ତଗୋପାଳ କଲଚରାଲ କ୍ଲବ, ପ୍ରଗତି କ୍ଲବ, ଉପାସନା ଡ୍ୟାନ୍ସ ଏକାଡେମୀ, ଚାଙ୍ଗୁ ନୃତ୍ୟ ଦଳ, ଅଲେଖ ମହିମା ସେବାସଂଘ, ହରିଶ୍ଚନ୍ଦ୍ର ଓରାମଙ୍କ ଦ୍ୱାରା କଣ୍ଢେଇ ନୃତ୍ୟ, ମହାରାଷ୍ଟ୍ରର ଲବଣୀ ଲୋକନୃତ୍ୟ ଓ ପଞ୍ଜାବର ଭାଙ୍ଗଡା ବେଶ ଉପଭୋଗ୍ୟ ହୋଇଥିଲା। ଓରମାସର ଯୁଗ୍ମ ନିର୍ବାହୀ ଅଧିକାରୀ ସ୍ୱପ୍ନ ଗୋସ୍ୱାମୀଙ୍କ ସମେତ କର୍ମଚାରୀମାନେ ଏହାକୁ ପରିଚାଳନା କରିଥିଲେ।



ଗୋଣ୍ଡ କଳାକାର ଖଣ୍ଡାନୃତ୍ୟ ପରିବେଷଣ କରୁଛନ୍ତି।

# 'ସମୃଦ୍ଧ ଦେଶ ଗଠନରେ ପ୍ରମୁଖ ଭାଗୀଦାର ହୁଅନ୍ତୁ ଛାତ୍ରୀଛାତ୍ର'

## ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଯାପିତ

ଭଦ୍ରକ,୨୧।୧୨(ସନାତନ ରାଉତ)




ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ଅତିଥି।

ଯୁବଶକ୍ତିର ବିକାଶ ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ସମୃଦ୍ଧ ଦେଶ ଗଠନରେ ଛାତ୍ରୀଛାତ୍ର ପ୍ରମୁଖ ଭାଗୀଦାର ହେବା ପାଇଁ ଭଦ୍ରକ ପୁରୁଣାବଜାରସ୍ଥିତ ଦାମୋଦର ସଂସ୍କୃତ ଡିଗ୍ରୀ ମହାବିଦ୍ୟାଳୟରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମର ଉଦ୍‌ଯାପନୀ ଓ ମହାବିଦ୍ୟାଳୟର ବାର୍ଷିକୋତ୍ସବରେ ମୁଖ୍ୟଅତିଥି ଭାବେ ବିଧାୟକ ସଞ୍ଜୀବ ମଲ୍ଲିକ ଯୋଗଦେଇ ପରାମର୍ଶ ଦେଇଛନ୍ତି। କଲେଜ ଅଧ୍ୟକ୍ଷ ଡ. ନିତ୍ୟାନନ୍ଦ ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ମୁଖ୍ୟବକ୍ତା କଥାକାର ତଥା ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ ପ୍ରଫେସର ପବିତ୍ର ପାଣିଗ୍ରାହୀ ଏବଂ ଅନ୍ୟତମ ଅତିଥି ଭାବେ ତ୍ୟାଗଭୂମି ମହୋତ୍ସବ କମିଟିର ସଭାପତି ଅଜୟ ନାୟକ, ରାଜ୍ୟ ବିଜ୍ଞାନ ଏକାଡେମୀ ସଦସ୍ୟ ଇଂ. ଅଭୟ ସୂତାର, କାଉନସିଲର ସେକ୍ ଜୁଲଫିକର ଅଲ୍ଲୀ, ରାଜଲକ୍ଷ୍ମୀ ମହାପାତ୍ର ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବିଶିଷ୍ଟ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଯୁବ ବିକାଶ କାର୍ଯ୍ୟକ୍ରମର ସଂଯୋଜକ ଅଧ୍ୟାପକ ଶୁକଦେବ ପଣ୍ଡା ବିବରଣୀ ପାଠ, ଡ. ପ୍ରମୋଦ କୁମାର ନାୟକ ସ୍ୱାଗତ ଭାଷଣ ଓ ପୂର୍ବତନ ଅଧ୍ୟକ୍ଷ ଡ. କୃପାସିନ୍ଧୁ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମସ୍ତ ଅଧ୍ୟାପିକା ଅଧ୍ୟାପକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ବେଳେ ଅକ୍ଷୟ କୁମାର ପାଣି ଧନ୍ୟବାଦ ଦେଇଥିଲେ।

# ବିଦ୍ୟୁତ୍ ସବ୍‌ଷ୍ଟେଶନ, ବାଇକ୍ ୱାର୍କଶପ ବୁଲିଲେ ଛାତ୍ରୀଛାତ୍ର

ଡେଙ୍ଗିକୋଟ,୨୧।୧୨(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଡେଙ୍ଗିକୋଟସ୍ଥିତ ସତ୍ୟନାରାୟଣ ବିଦ୍ୟାପୀଠ ହାଇସ୍କୁଲ ୯ମ ଓ ୧୦ମ ଶ୍ରେଣୀର ଛାତ୍ରୀଛାତ୍ର ଗୁରୁବାର ବିଦ୍ୟୁତ ସେକ୍ସନ ଇଲେକ୍ଟ୍ରିକାଲ ସବ୍‌ଷ୍ଟେଶନ ଓ ମା' ତାରିଣୀ ଟିଭିଏସ ବାଇକ୍ ୱାର୍କଶପ ବୁଲି ଧନ୍ଦାମୂଳକ ଶିକ୍ଷା ଲାଭ କରିଛନ୍ତି। ପ୍ରଧାନଶିକ୍ଷକ ଫକିର ଚରଣ ସାହୁଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ଇଲେକ୍ଟ୍ରୋନିକ ଓ ହାର୍ଡୱେର ବିଭାଗର ଶିକ୍ଷକ ମଦନ ମୋହନ ମହାନ୍ତ, ଯାନକାରିଗର ବିଭାଗର ଶିକ୍ଷକ ଜଗବନ୍ଧୁ ପଣ୍ଡା ଛାତ୍ରୀଛାତ୍ରଙ୍କ ସହିତ ଯାଇଥିଲେ। ସେଠାରେ ଜୁନିୟର ଇଞ୍ଜିନିୟର ଦେବାଶିଷ ସ୍ୱାଇଁ ଏବଂ କମରସିଆଲ ଜୁନିୟର ଇଞ୍ଜିନିୟର ରୋଶନ ପାତ୍ର ଛାତ୍ରୀଛାତ୍ରଙ୍କୁ ବିପଦମୁକ୍ତ ଓ ସୁରକ୍ଷା ସଂକଳ୍ପ ପାଠ କରାଇବା ସହ ବିଦ୍ୟୁତ ସବ୍‌ଷ୍ଟେସନରେ ଥିବା ଟ୍ରାନ୍ସଫର୍ମର ବିଷୟରେ ବୁଝାଇଥିଲେ। ପରେ ଛାତ୍ରୀଛାତ୍ର ମା' ତାରିଣୀ ଟିଭିଏସ ବାଇକ ସୋରୁମର ୱାର୍କସପକୁ ଯାଇଥିଲେ। ସେଠାରେ ଦୁଇ ଚକିଆ ଇଞ୍ଜିନିୟର କେଶବ ଚନ୍ଦ୍ର ମହାନ୍ତ ଇଞ୍ଜିନ ବିଷୟରେ ବୁଝାଇବା ସହ ପ୍ରାକ୍ଟିକାଲ କରି ଦେଖାଇଥିଲେ। ଶିକ୍ଷୟିତ୍ରୀ ଦୀପ୍ତିଶୋଭା ବେହେରା, ଶିକ୍ଷକ ଚନ୍ଦ୍ରଶେଖର ମଲ୍ଲିକ ସହଯୋଗ କରିଥିଲେ।

# ମାନସିକ ଭାରସାମ୍ୟ ହରାଇ ଯୁବକଙ୍କ ଆତ୍ମହତ୍ୟା

ପାଟଣା,୨୧।୧୨(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ କଣ୍ଟିଆପଡ଼ାରେ ଗୁରୁବାର ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ମୃତକ ଜଣକ ହେଲେ ସନାତନ ନାଏକ(୪୨)। ସେ ଦୀର୍ଘ ଦିନ ହେବ ଫିଟ୍ସ ରୋଗରେ ପୀଡ଼ିତ ଥିବାରୁ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଥିବା ପୋଲିସ ଅନୁମାନ କରୁଛି। ତୁରୁମୁଙ୍ଗା ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୨୩/୨୩)ରୁଜୁ ହୋଇଛି। ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଏସ୍‌ଆଇ ଯମୁନା ମାରାଣ୍ଡି କହିଛନ୍ତି।

# କେନ୍ଦ୍ର ରେଳମନ୍ତ୍ରୀଙ୍କୁ ଭେଟିଲେ ବିଧାୟକ

ନୀଳଗିରି, ୨୧।୧୨(ପ୍ରଶାନ୍ତ ବିଶ୍ୱାଳ)- ନୀଳଗିରି ବିଧାୟକ ସୁକାନ୍ତ ନାୟକଙ୍କ ସମେତ ଓଡ଼ିଶାର ୨୧ଜଣ ଭାଜପା ବିଧାୟକ ଦିଲ୍ଲୀ ଗସ୍ତରେ ଯାଇ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ କୁମାର ବୈଷ୍ଣବଙ୍କୁ ଭେଟି ଖନ୍ତାପଡ଼ା ରେଳଷ୍ଟେଶନର ବିଭିନ୍ନ ସମସ୍ୟା ସମ୍ପର୍କରେ ଚିଠି ଲେଖି ଅବଗତ କରିଛନ୍ତି। ବାରିପଦା-ବାଙ୍ଗିରିପୋଷି ଟ୍ରେନ ଖନ୍ତାପଡ଼ାଠାରେ ରହଣି କରିବା, ୧୬ନଂ. ଜାତୀୟ ରାଜପଥକୁ ସଂଯୋଗ କରୁଥିବା ଉକ୍ତ ରାସ୍ତାକୁ ଦୋହରୀକରଣ କରି ନୂତନ ରାସ୍ତା ନିର୍ମାଣ କରିବାକୁ ଚିଠି ଲେଖି ଅବଗତ କରିଛନ୍ତି। ତୁରନ୍ତ ଏଥିପ୍ରତି ଦୃଷ୍ଟିଦେଇ ଏସବୁ ସମସ୍ୟାର ସମାଧାନ କରିବାକୁ ମନ୍ତ୍ରୀ ବୈଷ୍ଣବଙ୍କୁ ବିଧାୟକ ଇଂ. ନାୟକ ଅନୁରୋଧ କରିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ବିମାନରେ ଆସି ...

ଗିରଫ କରିଛି। ଏସ୍‌ପି ଖିଲାରୀ କହିଛନ୍ତି ଯେ ଗତ ୧୬ତାରିଖ ବିଳମ୍ବିତ ରାତିରେ ପାଟଣାଗଡ଼ ଥାନା ସରମୁହାଣ ଗାଁର ଏକ ଏଟିଏମ୍ ଲୁଟ୍ ହୋଇଥିଲା। ଏ ସଂକ୍ରାନ୍ତରେ ସିଏମ୍‌ଏସ୍ କମ୍ପାନୀର ଜଣେ କର୍ମଚାରୀ ପାଟଣାଗଡ ଥାନାରେ ଅଭିଯୋଗ କରିଥିଲେ। ସେମାନେ ଅଭିଯୋଗ କରିଥିଲେ ଯେ, ୧୬ ତାରିଖ ସନ୍ଧ୍ୟା ପ୍ରାୟ ସାଢ଼େ ୫ଟାରେ ସରମୁହାଣ ଏଟିଏମ୍‌ରେ ତାଙ୍କ କମ୍ପାନୀ ୭ ଲକ୍ଷ ୬୪ହଜାର ଟଙ୍କା ଭର୍ତ୍ତି କରିଥିଲା। ହେଲେ ଉକ୍ତ ଏଟିଏମ୍‌ରୁ ସେଇ ରାତିରେ ସବୁତକ ଟଙ୍କା ଲୁଟ୍ ହୋଇଯାଇଥିଲା। ଏନେଇ ପାଟଣାଗଡ଼ ଥାନାରେ ଏକ ମାମଲା (୩୧୯/୨୩) ରୁଜୁ ହୋଇଥିଲା। ଉତ୍ତରାଞ୍ଚଳ ଆଇଜି ଏବଂ ବଲାଙ୍ଗୀର ଏସ୍‌ପି ଖିଲାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଲୁଟ୍ ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିଲା। ଆଖପାଖ ଅଞ୍ଚଳର ସିସି ଟିଭି ଫୁଟେଜ ଓ ବୈଷୟିକ ଜ୍ଞାନକୌଶଳ ଉପଯୋଗ କରି ଲୁଟେରାଙ୍କ ନିକଟରେ ପହଞ୍ଚିଥିଲା।

ରାଜସ୍ଥାନର ଉପରୋକ୍ତ ୬ଲୁଟେରାଙ୍କ ମଧ୍ୟରୁ ୩ଅଭିଯୁକ୍ତ ସଦ୍ଦାମ, ବଚ୍ଛଲ ଏବଂ ରାହୁଲ ଖାନ୍ କ୍ରେଟା କାର୍‌ରେ ନିଜ ଗାଁରୁ ଓଡ଼ିଶା ଅଭିମୁଖେ ଆସି ବଲାଙ୍ଗୀର ଜିଲାର ପାଟଣାଗଡ଼, ସରମୁହାଣ, ବଙ୍ଗୋମୁଣ୍ଡା ଏବଂ ସମ୍ବଲପୁର ଜିଲା ଧମା ଅଞ୍ଚଳରେ ଯୋଜନା କରିଥିଲେ। ଅନ୍ୟ ତିନି ଅଭିଯୁକ୍ତ ଅବିଦ୍, ଏହଶାନ୍ ଓ ମୁସ୍ତକିମ୍ ଦିଲ୍ଲୀରୁ ବିମାନରେ ଝାରସୁଗୁଡା ଆସି ବଲାଙ୍ଗୀର ସରମୁହାଣଠାରେ ଅନ୍ୟ ତିନି ଲୁଟେରାଙ୍କ ସହ ଏକାଠି ହୋଇ ଏଟିଏମ୍ ଲୁଟ୍ ଯୋଜନା କରିଥିଲେ। ସ୍ଥାନୀୟ ଏକ ଗ୍ୟାରେଜ୍‌ରୁ ଏକ ଗ୍ୟାସ୍ ସିଲିଣ୍ଡର ଏବଂ କଟର ଯୋଗାଡ କରିଥିଲେ। ଘଟଣା ଦିନ ବିଳମ୍ବିତ ରାତିରେ ଏଟିଏମ୍ ଭିତରକୁ ତିନିଜଣ ପଶି ପ୍ରଥମେ ଏଟିଏମ୍ ମେଶିନର କ୍ୟାମେରାରେ ଗ୍ୟାସ୍ ସ୍ପ୍ରେ କରିଥିଲେ। ଏହାପରେ କଟରରେ ଏଟିଏମ୍‌ର କ୍ୟାଶ୍ ଟ୍ରେ କାଟି ସେଥିରୁ ସବୁତକ ଟଙ୍କା ନେଇ ଫେରାର ହୋଇଯାଇଥିଲେ। ଏହି ଲୁଟ୍ ସମୟରେ ଅନ୍ୟ ଦୁଇ ଲୁଟେରା ଏଟିଏମ୍ ସମ୍ମୁଖ ରାସ୍ତା ଉପରେ ରହି ଅନ୍ୟମାନଙ୍କ ଗତିବିଧି ଲକ୍ଷ୍ୟ କରୁଥିଲେ। ଜଣେ ଅଭିଯୁକ୍ତ କାର୍‌କୁ ଷ୍ଟାର୍ଟରେ ରଖିଥିଲେ। ଟଙ୍କା ଧରି ଏଟିଏମ୍‌ରୁ ବାହାରିବା ପରେ ୬ ଜଣ ଯାକ ଲୁଟେରା ଉକ୍ତ କାର୍‌ରେ ବଲାଙ୍ଗୀର-ସୋନପୁର ବାଟ ଦେଇ ସମ୍ବଲପୁର ଅଭିମୁଖେ ପଳାଇଥିଲେ। ଏହା ପୂର୍ବରୁ ଏହି ଟିମ୍ ବଙ୍ଗୋମୁଣ୍ଡାଠାରେ ଏକ ଏଟିଏମ୍ ଲୁଟ୍ ଉଦ୍ୟମ କରିଥିଲେ। ସମ୍ବଲପୁର ଯିବା ବାଟରେ ଧମା ନିକଟ ସାହସପୁର ଏଟିଏମ୍ ଲୁଟ୍ ଉଦ୍ୟମ କରିଥିଲେ। ସେଠାରୁ ସେମାନେ ବରଗଡ ଜିଲା ସୋହେଲା ବାଟଦେଇ ଛତିଶଗଡ ଅଭିମୁଖେ ଯିବାବେଳେ ସୋହେଲା ନିକଟ ଏକ ଢାବାରେ ଅଟକିଥିଲେ। ଏତିକିବେଳେ ପାଟଣାଗଡ ଏସ୍‌ଡିପିଓ ଜ୍ୟୋତିର୍ମୟ ଭୁକ୍ତା ଓ ଆଇଆଇସି ଅନନ୍ତ ପ୍ରଧାନଙ୍କ ନେତୃତ୍ୱରେ ଗଠିତ ସ୍ୱତନ୍ତ୍ର ଟିମ୍ ଉକ୍ତ ଢାବାରେ ଚଢ଼ାଉ କରି ସେମାନଙ୍କୁ କାବୁ କରି ନେଇଥିଲା। ସ୍ୱତନ୍ତ୍ର ଟିମ୍‌ରେ ବଲାଙ୍ଗୀର ସାଇବର ଥାନା ଇନ୍ସପେକ୍ଟର ଅବିନାଶ ନାୟକ, ଆକାଶ ସାମଲ, ପାଟଣାଗଡ, ଲାଠୋର, ବେଲପଡା ଥାନାର ଇନ୍ସପେକ୍ଟର ଜେ.ଭୋଇ, ସୁଶାନ୍ତ ଦାସ, ହେମନ୍ତ ମାଝି, ଖଗେଶ୍ୱର ମାଝି, ଅଜିତ ମୋହନ ସେଠ୍ ସହଯୋଗ କରିଥିବା ଏସ୍‌ପି ଖିଲାରୀ ସୂଚନା ଦେଇଥିଲେ। ଏହା ସହିତ ଅଭିଯୁକ୍ତଙ୍କ ବିଷୟରେ ଗୁରୁତ୍ୱପୂର୍ଣ୍ଣ ସୂଚନା ଯୋଗାଡ କରିବାରେ ମହାରାଷ୍ଟ୍ରର ନାଗପୁର ସିଟି ପୋଲିସ ଡିସିପି ଏସ୍ ମୁମ୍ମାକା ଓ ମଧ୍ୟପ୍ରଦେଶ ସେଓନି ଜିଲା ଡିଏସ୍‌ପି ଅପୂର୍ବ ବଲ୍ଲଭୀ ସହଯୋଗ କରିଥିବା ସେ ସୂଚନା ଦେଇଥିଲେ। ଗିରଫ ଅଭିଯୁକ୍ତମାନେ ବାଲେଶ୍ୱର, ଖୋର୍ଦ୍ଧା, ସମ୍ବଲପୁର ସମେତ କର୍ଣ୍ଣାଟକର ଲୁଟ୍ ଘଟଣାରେ ସମ୍ପୃକ୍ତ ଥିବା ସୂଚନା ଦେଇଥିଲେ। ରିମାଣ୍ଡରେ ଅଭିଯୁକ୍ତମାନଙ୍କୁ ଆଣି ଅଧିକ ପଚରାଉଚରା କରାଯିବ ବୋଲି ଏସ୍‌ପି କହିଛନ୍ତି।

# 'ଭଦ୍ରକର କଥା ସାହିତ୍ୟ ଓଡ଼ିଆ ସାରସ୍ୱତ ଜଗତକୁ ସମୃଦ୍ଧ କରିଛି'

ଭଦ୍ରକ,୨୧।୧୨(ରବିନାରାୟଣ ଖିଲାର)

କାନ୍ତକବିଙ୍କ ପରି ଭଦ୍ରକର ବହୁ ସାରସ୍ୱତ ସାଧକଙ୍କ କଥା ସାହିତ୍ୟ ଓଡ଼ିଆ ବାଣୀ ଭଣ୍ଡାରକୁ ବିଭବମୟ କରିବା ସହ ଓଡ଼ିଆ ସାରସ୍ୱତ ଜଗତକୁ ସମୃଦ୍ଧ କରିଛି ବୋଲି ମଠସାହିସ୍ଥିତ ଗୋପାଳଜୀଉ ମଠପଡ଼ିଆଠାରେ ଚାଲିଥିବା ଭଦ୍ରକ ମହୋତ୍ସବ ଓ ପୁସ୍ତକମେଳାର ଷଷ୍ଠ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଜାତୀୟକବି ବାଞ୍ଛାନିଧି ମହାନ୍ତିଙ୍କ ନାମରେ ଏହି ସାରସ୍ୱତ ସନ୍ଧ୍ୟାରେ ଅନୁଷ୍ଠିତ ଆସରରେ ମହୋତ୍ସବ ଓ ପୁସ୍ତକମେଳାର ଆବାହକ ନିହାର ରଞ୍ଜନ କର ପୌରୋହିତ୍ୟ କରିଥିଲେ। ସଭାପତି ଇଂ. ଅଭୟ ସୂତାର ସଂଯୋଜନା କରିଥିଲେ। ଡେପୁଟି କଲେକ୍ଟର କାର୍ତ୍ତିକନାଥ ମଣ୍ଡଳ ମୁଖ୍ୟଅତିଥି, ଆସିଷ୍ଟାଣ୍ଟ କଲେକ୍ଟର ସୁଧାଂଶୁ ମୋହନ ସ୍ୱାଇଁ ବିଶିଷ୍ଟ ଅତିଥି, କଥାକାର ପବିତ୍ର ପାଣିଗ୍ରାହୀ ମୁଖ୍ୟବକ୍ତା, ଡ. ରମାକାନ୍ତ ନାୟକ, ଓରିଏଣ୍ଟ ପବ୍ଲିସର୍ସର ପରିଚାଳନା ନିର୍ଦ୍ଦେଶକ ମନୋରଞ୍ଜନ ଦାଶ, ମଞ୍ଜୁଳ ମଞ୍ଜରୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନଆଚାର୍ଯ୍ୟ ଭାଗବତ ପ୍ରସାଦ ମହାଳିକ, ତେଜସ୍ୱିନୀ ମହିଳା ସଂଗଠନର ସମ୍ପାଦିକା ସୁଶ୍ରୀ ଅଞ୍ଜନା ମିଶ୍ର, ପ୍ରଧାନଶିକ୍ଷୟିତ୍ରୀ ଜାନକୀ ପାଢ଼ୀ, କଣ୍ଠଶିଳ୍ପୀ ଓ ସଙ୍ଗୀତ ନିର୍ଦ୍ଦେଶକ ରାମନାରାୟଣ ମହାନ୍ତି ବରେଣ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ, କବୟିତ୍ରୀ ସରୋଜିନୀ ସାହୁ ସ୍ୱାଗତ ଭାଷଣ ଓ ପ୍ରକୃତିବନ୍ଧୁ ବୈକୁଣ୍ଠ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ସାମାଜିକ କର୍ମୀ ସ୍ମିତସ୍ମିତା ବଳଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ମହେଶ୍ୱର ପଲାଇ ମଞ୍ଚ ପରିଚାଳନା କରିଥିଲେ।

# 'ଦୃଢ଼ ଇଚ୍ଛାଶକ୍ତି ଦ୍ୱାରା ସଫଳତା ସମ୍ଭବ'

## ବାଳିକା ବିଦ୍ୟାଳୟର ବାର୍ଷିକୋତ୍ସବ

ଖୁଣ୍ଟା,୨୧।୧୨(ଦେବ ରଞ୍ଜନ ବେହେରା)

ଖୁଣ୍ଟା ସରକାରୀ ବାଳିକା ବିଦ୍ୟାଳୟର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ରାମସାୟ ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ସରୋଜିନୀ ହେମ୍ବ୍ରମ, ମୁଖ୍ୟବକ୍ତା କୁଶଳଦା ହାଇସ୍କୁଲର ପ୍ରଧାନଶିକ୍ଷକ ଶଶୀଧର ବାରିକ, ସମ୍ମାନୀତ ଅତିଥି ଭାବେ ସାନଖୁଣ୍ଟା ସରପଞ୍ଚ ସୁମୀ ହାଁସଦା, ସମିତି ସଭ୍ୟ ରଞ୍ଜନ ମହାନ୍ତି, ଅବସରପ୍ରାପ୍ତ ଶିକ୍ଷକ ଅନନ୍ତ ନାରାୟଣ ଚୌଧୁରୀ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ତରୁଣ କୁମାର ମହାନ୍ତି, ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ଅଞ୍ଜଳି ମହାପାତ୍ର ଓ ସନ୍ତୋଷ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଦୃଢ଼ ଇଚ୍ଛାଶକ୍ତି ଦ୍ୱାରା ହିଁ ସଫଳତା ମିଳିଥାଏ ବୋଲି ମୁଖ୍ୟ ଅତିଥି ହେମ୍ବ୍ରମ ବିଦ୍ୟାର୍ଥୀମାନଙ୍କୁ କହିଥିଲେ। ବିଦ୍ୟାଳୟର ବାର୍ଷିକ କ୍ରୀଡ଼ାରେ ଅଂଶଗ୍ରହଣ କରି କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀମାନଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। ବରିଷ୍ଠ ଶିକ୍ଷକ ମନୋରଞ୍ଜନ ବେହେରା ମଞ୍ଚ ପରିଚାଳନା କରିଥିବାବେଳେ ଶିକ୍ଷୟିତ୍ରୀ ଚଞ୍ଚଳା ମହାନ୍ତ ଧନ୍ୟବାଦ ଦେଇଥିଲେ।

# କ୍ଷୁଦ୍ର ଶିଳ୍ପର ବିକାଶ କ୍ଷେତ୍ରରେ ପ୍ରୋତ୍ସାହିତ କରିବ ମେଳା

## 'ଶିଳ୍ପ ଓ ଗ୍ରାହକ ଏକ୍ସପୋ ଏବଂ ଅଟୋ ଏକ୍ସପୋ' ଉଦ୍‌ଘାଟିତ

ବାଲେଶ୍ୱର, ୨୧।୧୨ (ମାନସ ବିଶ୍ୱାଳ)




ଏକ୍ସପୋ ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥିଗଣ।

ବାଲେଶ୍ୱର ସହର ଉପକଣ୍ଠ ବାମପଦାସ୍ଥିତ ନୋସି ବିଜନେସ ପାର୍କଠାରେ ଓଡ଼ିଶା ସରକାରଙ୍କ କ୍ଷୁଦ୍ର, ଲଘୁ ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) ବିଭାଗ ସହଯୋଗରେ 'ଉତ୍ତର ଓଡ଼ିଶା ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିଜ୍' (ନୋସି) ପକ୍ଷରୁ ୪ ଦିନିଆ 'ଶିଳ୍ପ ଓ ଗ୍ରାହକ ଏକ୍ସପୋ ଏବଂ ଅଟୋ ଏକ୍ସପୋ' ଗୁରୁବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଛି। ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ, ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ, ଉପଜିଲାପାଳ କୁନାଲ ମୋତିରାମ ଚୌହାନ, ଫକୀର ମୋହନ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ଉତ୍କଳ ଚାମ୍ବର ଅଫ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିଜ ବ୍ରହ୍ମ ମିଶ୍ର, ବାଲେଶ୍ୱର ଚାମ୍ବର ଅଫ ଇଣ୍ଡଷ୍ଟ୍ରି ଆଣ୍ଡ କମର୍ସର ସଭାପତି ସଞ୍ଜୟ କୁମାର ଦାସ, ବାଲେଶ୍ୱର ଜିଲା କ୍ଷୁଦ୍ର ଶିଳ୍ପ ସଂଘ ସଭାପତି ବିବେକ ବାଜପେୟୀ, କଟକସ୍ଥିତ ଓଡ଼ିଶା ଆସେମ୍ବଲି ଅଫ ସ୍ମଲ ଆଣ୍ଡ ମିଡ଼ିୟମ୍ ଏଣ୍ଟରପ୍ରାଇଜର ଚେୟାରମ୍ୟାନ ଗୌରୀ ଶଙ୍କର ଦାଶ, ଭୁବନେଶ୍ୱରସ୍ଥିତ ସିଡ୍‌ବିର ଡେପୁଟି ମ୍ୟାନେଜର ପି.କେ. ଚୌଧୁରୀ, ଟିପିଏନଓଡିଏଲର ସିଇଓ ଭାସ୍କର ସରକାର, ଇମାମୀ ପେପର ମିଲ୍‌ର ସିଇଓ ବିବେକ ଚାୱଲା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଏହି ଏକ୍ସପୋକୁ ଉଦ୍‌ଘାଟନ କରିଥିଲେ। ବାଲେଶ୍ୱରର ଉଦ୍ୟୋଗୀମାନଙ୍କ ସହଯୋଗରେ ଏଭଳି ଶିଳ୍ପ ଭିତ୍ତିକ ମେଳାର ଆୟୋଜନ ହେଇପାରିଥିବା ଯୋଗୁ ଅତିଥିମାନେ ସମସ୍ତଙ୍କୁ ସାଧୁବାଦ ଜଣାଇଥିଲେ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବର୍ତ୍ତମାନ କ୍ଷୁଦ୍ର ଓ ବୃହତ ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ଉଦ୍ୟମ ଚଳାଉଥିଲା ବେଳେ ବାଲେଶ୍ୱରରେ କ୍ଷୁଦ୍ର ଶିଳ୍ପର ବିକାଶ କ୍ଷେତ୍ରରେ ଏହି ଶିଳ୍ପଭିତ୍ତିକ ମେଳା ପ୍ରୋତ୍ସାହିତ କରିବ। ଏହି ଶିଳ୍ପ ଭିତ୍ତିକ ମେଳା ଦୀର୍ଘ ବର୍ଷ ଧରି ଜିଲାରେ ଅନୁଷ୍ଠିତ ହୋଇଆସୁଥିବା ଯୋଗୁ ବାଲେଶ୍ୱରରେ ଆଗାମୀ ଦିନରେ ଶିଳ୍ପର ବିକାଶ ହେବା ସହିତ କ୍ଷୁଦ୍ର ଶିଳ୍ପ ଆଗେଇପାରିବ ବୋଲି ଅତିଥିମାନେ କହିଥିଲେ।

ଉଦଘାଟନୀ ଉତ୍ସବରେ ନୋସି ଅଧ୍ୟକ୍ଷ ପି.କେ. ଡାଭେ ଅଧ୍ୟକ୍ଷତା କରି ସ୍ୱାଗତ ଭାଷଣ ସହ 'ଶିଳ୍ପ ଓ ଗ୍ରାହକ ଏକ୍ସପୋ ଏବଂ ଅଟୋ ଏକ୍ସପୋ'ର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ନୋସିର କାର୍ଯ୍ୟକାରିଣୀ ସଦସ୍ୟ ହର୍ଷ ଗୁପ୍ତା ମଞ୍ଚ ସଞ୍ଚାଳନ କରିଥିଲେ। ଶେଷରେ ଇମାମୀ ପେପର ମିଲସର ଉପସଭାପତି ଆଶିଷ ଅବିନାଶ ଗୁପ୍ତା ଧନ୍ୟବାଦ ଦେଇଥିଲେ। ନୋସି ସମ୍ପାଦକ ହରିଶ ପଟେଲ, ସିପି ଭରତିଆ, ଶିବୁ ପୋଦାର, ଦେବାଶିଷ ଦାସ, ଆକାଂକ୍ଷା ବେହେରା, ଆଦିତ୍ୟ ବେହେରା, ଅମନ କୁମାର, ଜ୍ୟୋତି ପ୍ରକାଶ ଆଚାର୍ଯ୍ୟ, ସୋନୁ ଖଣ୍ଡେଲୱାଲ, ସୌରଭ ରାଠି, କମଳାକାନ୍ତ ମୁଦୁଲି, ସଞ୍ଜୟ ମହାପାତ୍ର, ଅମିତ ଗିରି, ସଂଗୀତା ମହାନ୍ତି, ମୁକେଶ ପଟେଲ, ମଦନ ମୋହନ ମହାରଣା, ପାର୍ଥ ସାରଥୀ ପ୍ରିୟପ୍ରକାଶ, ସୁଜାତାରାଣୀ ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ। ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଏହି ଏକ୍ସପୋ ଚାଲିବା ସହିତ ଏଥିରେ ରାଜ୍ୟ ତଥା ଉତ୍ତର ଓଡ଼ିଶାର ଉତ୍ପାଦିତ ବିଭିନ୍ନ ସାମଗ୍ରୀ, ଖାଦ୍ୟ ପ୍ରକ୍ରିୟାକରଣ ଓ ରପ୍ତାନୀ ଦ୍ରବ୍ୟର ଶିଳ୍ପାନୁଷ୍ଠାନ ଏବଂ ଦେଶର ଖ୍ୟାତନାମା ଯାନବାହନ ନିର୍ମାତା ଅଂଶଗ୍ରହଣ କରିଛନ୍ତି।

